# NATIONAL NEWS BULLETIN (ODIA)

## 17 March - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଓଡିଶା ସମେତ ଚାରୋଟି ରାଜ୍ୟର ବିଧାନସଭା ଏବଂ ଲୋକସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ଗତକାଲି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ।

- ଏପ୍ରିଲ ୧୯ରୁ ଜୁନ ୧ତାରିଖ ମଧ୍ୟରେ ୭ଟି ପର୍ଯ୍ୟାୟରେ ହେବ ମତଦାନ । ଜୁନ ୪ରେ ଗଣତି ।

- ଓଡିଶା ବିଧାନସଭା ଲାଗି ମେ ୧୩ରୁ ଜୁନ ୧ତାରିଖ ମଧ୍ୟରେ ଚାରୋଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ ।
- ନିର୍ବାଚନ ଲାଗି ଦେଶବ୍ୟାପୀ ଆଦର୍ଶ ଆଚରଣ ବିଧି କଡାକଡି ଭାବେ ପାଳନ କରିବାକୁ କ୍ୟାବିନେଟ ସଚିବ ଓ ସମସ୍ତ ମୁଖ୍ୟ ସଚିବଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ।
- ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଲାଗି ଦେଶବାସୀ ସଙ୍କଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।

ଏବଂ

- ତୃଣମୂଳ କଂଗ୍ରେସ ନେତା ଶେଖ୍ ସାହାଜନଙ୍କ ଭାଇ ଶେଖ୍ ଆଲମ୍ଗିରିଙ୍କ ସମେତ ଅନ୍ୟ ଦୁଇଜଣ ଗତକାଲି ସିବିଆଇ ଗିରଫ କରିଛି ।

## ଇ.ସି.ଆଇ.-ଲୋକସଭା ପୋଲ୍ସ

ଓଡିଶା ସମେତ ଚାରୋଟି ରାଜ୍ୟର ବିଧାନସଭା ଏବଂ ଅଷ୍ଟାଦଶ ଲୋକସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ଗତକାଲି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଲୋକସଭାର ୫୪୩ଟି ଆସନ ଏବଂ ଏହି ଚାରୋଟି ବିଧାନସଭା ଆସନ ଲାଗି ଏପ୍ରିଲ ୧୯ରୁ ଜୁନ ୧ତାରିଖ ମଧ୍ୟରେ ୭ଟି ପର୍ଯ୍ୟାୟରେ ମତଦାନ ହେବ । ଏଥି ସହିତ ବିହାର, ଗୁଜରାଟ, ହରିୟାଣା, ଝାଡଖଣ୍ଡ, ମହରାଷ୍ଟ୍ର, ରାଜସ୍ଥାନ ଓ ତାମିଲନାଡୁରେ ଖାଲିଥିବା ୨୬ଟି ବିଧାନସଭା ଆସନ ଲାଗି ମଧ୍ୟ ଏହି ସମୟରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଜୁନ ୪ତାରିଖରେ ଫଳାଫଳ ପ୍ରକାଶ ପାଇବ । ଏଥି ସହିତ ଗତକାଲିଠାରୁ ନିର୍ବାଚନ ଆଦର୍ଶ ଆଚରଣ ବିଧି ଦେଶବ୍ୟାପୀ ଲାଗୁ ହୋଇଥିବା ନେଇ ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ୍ ୧୯ ତାରିଖରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହେବ । ଏପ୍ରିଲ୍ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୮୯ଟି ଲୋକସଭା ଆସନ ପାଇଁ ଏବଂ ମେ ମାସ ୭ ତାରିଖରେ ୯୪ଟି ଲୋକସଭା ଆସନରେ ମତଦାନ ହେବାକୁ ଥିବା ବେଳେ ମେ ମାସ ୧୩ ତାରିଖରେ ୯୬ଟି ଲୋକସଭା ଆସନ ଓ ପଞ୍ଚମ ପର୍ଯ୍ୟାୟରେ ମେ ମାସ ୨୦ ତାରିଖରେ ୪୯ଟି ଲୋକସଭା ଆସନ ପାଇଁ ଭୋଟଗ୍ରହଣ କରାଯିବ । ସେହିଭଳି ଷଷ୍ଠ ପର୍ଯ୍ୟାୟରେ ମେ ମାସ ୨୫ ତାରିଖରେ ୫୭ଟି ଲୋକସଭା ଆସନ ଓ ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ଜୁନ୍ ପହିଲାରେ ୫୭ଟି ଲୋକସଭା ଆସନରେ ମତଦାନ ହେବ ।

୧୪୭ ସଦସ୍ୟ ବିଶିଷ୍ଟ ଓଡ଼ିଶା ବିଧାନସଭା ପାଇଁ ମେ ୧୩, ୨୦, ୨୫ ଓ ଜୁନ୍ ପହିଲାରେ ୪ଟି ପର୍ଯ୍ୟାୟରେ ମତଦାନ ହେବ ।

ମୁଖ୍ୟ ନିର୍ବାଚନ କମିଶନର୍ କହିଛନ୍ତି, ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ୍ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ସେ କହିଛନ୍ତି, ଦେଶରେ ୯୭ କୋଟି ପଞ୍ଜିକୃତ ମତଦାତା ରହିଛନ୍ତି । ଦେଢ଼ କୋଟି କର୍ମଚାରୀ ୧୦ଲକ୍ଷ ୫୦ ହଜାର ଭୋଟ ଗ୍ରହଣ କେନ୍ଦ୍ରର ପରିଚାଳନା କରିବେ । ଏଥରକ ୧ କୋଟି ୮୨ଲକ୍ଷ ମତଦାତା ପ୍ରଥମ କରି ମତଦାନ କରିବେ । ୮୫ ବର୍ଷରୁ ଅଧିକ ବୟସର ମତଦାତା ଓ ଦିବ୍ୟାଙ୍ଗ ମତଦାତାମାନଙ୍କୁ ଘରୁ ମତଦାନ କରିବାର ସୁବିଧା ପ୍ରଦାନ କରାଯିବ । ଜଘନ୍ୟ ଅପରାଧ ମାମଲା

ଥିବା ପ୍ରାର୍ଥୀମାନଙ୍କୁ ଛିଡ଼ା କରାଇଥିବା ରାଜନୈତିକ ଦଳ ଗୁଡ଼ିକୁ ସେମାନେ କାହିଁକି ସେହି ପ୍ରାର୍ଥୀମାନଙ୍କୁ ଛିଡ଼ା କରାଇଛନ୍ତି ତାହାର ସ୍ପଷ୍ଟିକରଣ ଦେବାକୁ ପଡ଼ିବ ।

ପର୍ଯ୍ୟାପ୍ତ ସଂଖ୍ୟାରେ **EVM** ଓ **VVPAT** ଉପଲବ୍ଧ ରହିଛି ଓ ନିର୍ବାଚନ ସୂଚାରୁରୂପେ ସମ୍ପନ୍ନ କରାଯିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ରାଜୀବ କୁମାର କହିଛନ୍ତି ।

ମୁଖ୍ୟ ନିର୍ବାଚନ କମିଶନର୍ କହିଛନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନ କରାଯିବା ସମୟରେ ବାହୁବଳ, ଅର୍ଥବଳ, ଭୁଲ ତଥ୍ୟ ଓ ଆଚରଣବିଧି ଲଘଂନ ଭଳି ଚାରୋଟି ଚ୍ୟାଲେଞ୍ଜ ଏହା ସମ୍ମୁଖରେ ରହିଛି । ଭୋଟ ଗ୍ରହଣ ହେଉଥିବା ଦିନ ବାହୁବଳର ବ୍ୟବହାର ଉପରେ ଡ୍ରୋନ୍ ସହାୟତାରେ ଯାଞ୍ଚ କରାଯିବ ।

ନିର୍ବାଚନ ସମୟରେ ହିଂସା ଓ ରକ୍ତପାତର କୌଣସି ସ୍ଥାନ ନାହିଁ ଓ କମିଶନ୍ ଏଭଳି କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି । ଆଇନ୍ ଶୃଙ୍ଖଳା ରକ୍ଷାକାରୀ ଏଜେନ୍ସି ଗୁଡ଼ିକୁ ମାଦକଦ୍ରବ୍ୟ, ଟଙ୍କା, ମାଗଣା ସାମଗ୍ରୀ ଓ ନିଶାଦ୍ରବ୍ୟ ବଣ୍ଟନକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।  ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ନେଣଦେଣ ଉପରେ ନଜର ରଖିବାକୁ ଏଜେନ୍ସି ଗୁଡ଼ିକୁ କୁହାଯାଇଛି । ନିର୍ବାଚନ ସମୟରେ ବର୍ଜ୍ୟବସ୍ତୁ ପରିଚାଳନା ଓ କମ୍ କାଗଜ ବ୍ୟବହାର ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ

ଦିଆଯାଇଛି । ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବାକୁ ୨୧ଶହ ପର୍ଯ୍ୟବେକ୍ଷକ ମୁତୟନ ହେବେ  ବୋଲି ଆୟୋଗ କହିଛନ୍ତି ।

# ଓଡିଶା ବିଜେପି ପୋଲ ମିଟ୍

ଓଡିଶା ବିଜେପି ରାଜ୍ୟ ନିର୍ବାଚନ କମିଟି ବୈଠକ ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ପ୍ରାର୍ଥୀ ଚୟନ କରାଯିବା ସମ୍ପର୍କରେ ଆଲୋଚନା ହୋଇଛି । ଏହି ବୈଠକରେ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ । ଆମ ସମ୍ବାଦଦାତା ଜଣାଇଛନ୍ତି, ୨୧ଟି ଲୋକସଭା ଆସନ ଏବଂ ୧୪୭ଟି ବିଧାନସଭା ଆସନରେ ଦଳ ପକ୍ଷରୁ ପ୍ରାର୍ଥୀ ଦେବା ଲାଗି ଏହି ବୈଠକରେ ଆଲୋଚନା କରାଯାଇଛି । ବୈଠକ ପରେ ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କୀତ ଗଣମାଧ୍ୟମର ଏକ ପ୍ରଶ୍ନର  ଉତ୍ତର ଦେଇ ଶ୍ରୀ ତୋମାର କହିଛନ୍ତି, ଆଗାମୀ ନିର୍ବାଚନରେ ବିଜେପି ଏକ ସମନ୍ୱିତ ରଣନୀତି ସହିତ ପୁରାଦମ୍‌ରେ ଲଢିବାକୁ ପ୍ରସ୍ତୁତ ରହିଛି । ଏଠାରେ ସୂଚନା ଦିଆଯାଇପାରେ ରାଜ୍ୟରେ ଏକ ସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ମେ ୧୩, ଦ୍ୱିତୀୟ ପର୍ଯ୍ୟାୟ ମେ ୨୦ରେ

ହେବାକୁ ଥିବାବେଳେ ମେ ୨୫ତାରିଖରେ ତୃତୀୟ ପର୍ଯ୍ୟାୟ ଏବଂ ଚତୁର୍ଥ ପର୍ଯ୍ୟାୟ ଜୁନ ୧ତାରିଖରେ ଅନୁଷ୍ଠିତ ହେବ । ଜୁନ ୪ତାରିଖରେ ଓଡିଶା ସମେତ ସମଗ୍ର ଦେଶରେ ଭୋଟ ଗଣତି ହେବ।

## ଇସିଆଇ-ଏମ୍‌ସିସି

ଦେଶର ୪ଟି ରାଜ୍ୟର ବିଧାନସଭା ସମେତ ଲୋକସଭା ନିର୍ବାଚନ ଲାଗି ଗତକାଲି କାର୍ଯ୍ୟସୂଚୀ ଘୋଷଣା ହେବା ପରଠାରୁ ଦେଶବ୍ୟାପୀ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଆଦର୍ଶ ଆଚରଣ ବିଧି କଡାକଡି ଭାବେ ପାଳନ କରିବାକୁ ନିର୍ବାଚନ ଆୟୋଗ, କ୍ୟାବିନେଟ ସଚିବ, ସମସ୍ତ ରାଜ୍ୟର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଘୋଷଣା ହେବାର ୨୪ଘଣ୍ଟା ମଧ୍ୟରେ ସମସ୍ତ ପୋଷ୍ଟର, ହୋର୍ଡିଂ, ସରକାରୀ ସମ୍ପତ୍ତି ଉପରେ କରାଯାଇଥିବା ବିଭିନ୍ନ ଚିତ୍ର ତଥା ପ୍ରାଚୀର ପତ୍ରଗୁଡିକୁ ହଟାଇବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନିର୍ବାଚନ ଘୋଷଣା ହେବାର ୪୮ଘଣ୍ଟା ମଧ୍ୟରେ ସର୍ବସାଧାରଣ ସମ୍ପତ୍ତି ତଥା ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡ ଗୁଡିକରୁ ମଧ୍ୟ ସମସ୍ତ ପ୍ରକାର ଅନଧିକୃତ ରାଜନୈତିକ ବିଜ୍ଞାପନଗୁଡିକୁ ମଧ୍ୟ ହଟାଇ ଦେବା ଲାଗି ଆୟୋଗ ଜାରି କରିଥିବା ଏହି ନିର୍ଦ୍ଦେଶନାମାରେ କହିଛନ୍ତି । ଏହା ଛଡା ଘରୋଇ ସମ୍ପତ୍ତି ଉପରେ ଥିବା ଏଭଳି ଅନଧିକୃତ ରାଜନୈତିକ ବିଜ୍ଞାପନଗୁଡିକୁ ନିର୍ବାଚନ ଘୋଷଣା ହେବାର ୭୨ଘଣ୍ଟା ମଧ୍ୟରେ ହଟାଇ

ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ନିର୍ବାଚନ ଡ୍ୟୁଟିରେ ଥିବା ଅଧିକାରୀଙ୍କ ବ୍ୟତୀତ ରାଜନୈତିକ ଦଳ, ପ୍ରାର୍ଥୀ କିମ୍ବା ଏଥିସହିତ ସମ୍ପୃକ୍ତ ଅନ୍ୟ କୌଣସି ବ୍ୟକ୍ତି ବିଶେଷ  ପ୍ରଚାର କାର୍ଯ୍ୟ ପାଇଁ ସରକାରୀ ଗାଡି ବ୍ୟବହାର କରିପାରିବେ ନାହିଁ ବୋଲି ଆୟୋଗଙ୍କ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ  ବିଭିନ୍ନ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କର ସଫଳତା ସମ୍ପର୍କୀତ କୌଣସି ବିଜ୍ଞାପନ ପ୍ରକାଶନ ଉପରେ ଆୟୋଗ ରୋକ୍ ଲଗାଇଛନ୍ତି ।  ଯଦି ଏଭଳି କୌଣସି ବିଜ୍ଞାପନ ପ୍ରକାଶ ପାଇଥାଏ ତେବେ ଏହାକୁ ତୁରନ୍ତ ହଟାଇବା ଦିଗରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ମାନେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ବିଭିନ୍ନ ରାଜ୍ୟ ସରକାରଙ୍କର ବିଭାଗ ଗୁଡିକର ସରକାରୀ ୱେବସାଇଟ୍‌ରେ ଥିବା ସମସ୍ତ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋକୁ ଅପସାରଣ କରିବାକୁ ମଧ୍ୟ ଆୟୋଗ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ କହିଛନ୍ତି । ନିର୍ବାଚନ ସମୟରେ ଯେକୌଣସି ପ୍ରକାର ଅଭିଯୋଗ ଶୁଣାଣି ଲାଗି ଏକ ଟୋଲ ଫ୍ରି କଲ୍ ସେଣ୍ଟର ସ୍ଥାପନ କରାଯାଇଛି ।

## ପିଏମ୍-ସମିଟ୍

ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଲାଗି ଦେଶବାସୀ ସଙ୍କଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଇଣ୍ଡିଆ ଟୁଡେ କନ୍‌କ୍ଲେଭରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସମଗ୍ର ବିଶ୍ୱ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଥିବାବେଳେ ଭାରତ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଯିବ ବୋଲି ଶ୍ରୀ ମୋଦୀ ଏହି ଅବସରରେ ସୁନିଶ୍ଚିତ କରିଛନ୍ତି ।  ସେ କହିଛନ୍ତି, ୨୦୧୪ ମସିହା ପୂର୍ବରୁ ଦେଶରେ ଅଳ୍ପ କିଛି ପଞ୍ଜୀକୃତ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୧ଲକ୍ଷ ୨୫ହଜାରରେ ପହଞ୍ଚିଛି । ଏହି ଷ୍ଟାର୍ଟଅପଗୁଡିକ ଦେଶର ୬ଶହରୁ ଉର୍ଦ୍ଧ୍ୱ ଜିଲ୍ଲା ତଥା ଦେଶର ପ୍ରାୟ ୯୦ ପ୍ରତିଶତ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି । ଟାଏର-ଟୁ ଓ ଟାଏର-ଥ୍ରୀ ସହରଗୁଡିକର ଯୁବବର୍ଗ ଏହି ଷ୍ଟାର୍ଟଅପ୍ ବିପ୍ଳବର ନେତୃତ୍ୱ ନେଉଛନ୍ତି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ବର୍ଷ ପୂର୍ବେ ଗ୍ରାମାଞ୍ଚଳର ମହିଳାମାନେ ସାଇକେଲ ଚଢି ପାରୁ  ନ ଥିବାବେଳେ ବର୍ତ୍ତମାନ ସେମାନେ ଡ୍ରୋନ ପାଇଲଟ୍‌ଭାବେ ଉଭା ହୋଇଛନ୍ତି । ଏହା ଦ୍ୱାରା ସମାଜରେ   ବହୁବିଧ ସକାରାତ୍ମକ ପ୍ରଭାବ ଉପଲବ୍ଧ ହେଉଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ।

## ପିଏମ-ଏନଡିଏ-ଆନ୍ଧ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆନ୍ଧ୍ରପ୍ରଦେଶ ଗସ୍ତ କରି ପାଲନାଡୁ ଜିଲ୍ଲାର ଚିଲା-କାଲୁରିପେଟା ଠାରେ ଅନୁଷ୍ଠିତ ହେବାକୁ ଥିବା ଏନ୍‌ଡିଏର ଏକ ନିର୍ବାଚନୀ ବୈଠକରେ ଅଧ୍ୟକ୍ଷତା କରିବେ । ଗତକାଲି ବିଜୟୱାଡ଼ା ଠାରେ ବିଜେପିର ଜାତୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ଅବସରରେ ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ହେବାକୁ ଥିବା ଏନଡିଏର ଏହି ପ୍ରଥମ ନିର୍ବାଚନୀ ବୈଠକରେ ଟିଡିପି ସୁପ୍ରିମୋ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ଜନସେନା ମୁଖ୍ୟ ପୱନ କଲ୍ୟାଣ ମଧ୍ୟ ଯୋଗଦେବେ ବୋଲି ଶ୍ରୀ ତାୱଡେ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ମେଣ୍ଟ ଭାଗିଦାରୀ ଟିଡିଟି, ଜନସେନା ଓ ବିଜେପି ପ୍ରାୟ ୧୦ବର୍ଷ ପରେ ଏକାଠି ଗୋଟିଏ ନିର୍ବାଚନୀ ବୈଠକରେ ଅଂଶଗ୍ରହଣ କରିବେ । ଗତ ୧୧ତାରିଖ ଦିନ ଏନ୍‌ଡିଏର ଏହି ଭାଗିଦାରୀ ଦଳଗୁଡିକ ମଧ୍ୟରେ ରାଜ୍ୟରେ ଲୋକସଭା ଏବଂ ବିଧାନସଭା ଆସନ ଆବଣ୍ଟନ ନେଇ ଚୂଡାନ୍ତ ହୋଇସାରିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପି ଆଗାମୀ ସାଧାରଣ ନିର୍ବାଚନରେ ୬ଟି ଲୋକସଭା ଏବଂ ୧୦ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଥିବାବେଳେ ଟିଡିପି ୧୭ଟି ଲୋକସଭା ଓ ୧୪୪ଟି ବିଧାନସଭା ଆସନରେ ଲଢିବ । ଅନ୍ୟପକ୍ଷରେ

ଦୁଇଟି ଲୋକସଭା ଆସନ ଏବଂ ୨୧ଟି ବିଧାନସଭା ଆସନରେ ପଓ୍ୱନ କଲ୍ୟାଣଙ୍କ ଜନସେନା ନିଜ ପ୍ରାର୍ଥୀ ଦେବ ।

## ସିବିଆଇ-ଇଡି

ତୃଣମୂଳ କଂଗ୍ରେସ ନେତା ଶେଖ୍ ସାହାଜନଙ୍କ ଭାଇ ଶେଖ୍ ଆଲମ୍ଗିରିଙ୍କ ସମେତ ଅନ୍ୟ ଦୁଇଜଣ ଗତକାଲି ସିବିଆଇ ଗିରଫ କରିଛି । କୋଲକାତାର ନିଜାମ ପ୍ୟାଲେସ ସ୍ଥିତ କାର୍ଯ୍ୟାଳୟରେ ୯ଘଣ୍ଟା ଧରି ମାରାଥନ ଜେରା ପରେ ଗତ ଜାନୁୟାରୀ ୫ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ଉପରେ ଆକ୍ରମଣ କରିବା ଅଭିଯୋଗରେ ସିବିଆଇ ଏମାନଙ୍କୁ ଗିରଫ କରିଛି ।